# Akashvani, Sambalpur

## SAMBALPURI NEWS BULLETIN

### 6 June 2025- 6.47- 6.52 am.

*******************************************************

ପ୍ରଧାନ୍‌ମନ୍ତ୍ରୀ-ଚେନାବ୍ ରେଲ୍‌ସେତୁ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଜମ୍ମୁ କାଶ୍ମୀର୍ ଚେନାବ୍ ନଦୀ ଠାନେ ପୁର୍‌ଥିର୍ ସବୁନୁ ଉଚା ରେଲ୍‌ସେତୁ ଆଉ ଅଞ୍ଜି ଠାନେ ଦେଶର୍ ପହେଲା କେବୁଲ୍ ରେଲ୍‌ସେତୁ ଉଦ୍‌ଘାଟନ୍ କର୍‌ବେ । ଇତାର୍ ସହେତେ ବନ୍ଦେ ଭାରତ୍ ଟ୍ରେନ୍‌ର ଭିଲ୍ ଶୁଭାରମ୍ଭ କର୍‌ବେ ।

ନଦୀଠାନୁ ଇ ସେତୁ ୩ ଶହ ୫୯ ମିଟର୍ ଉଚା ଆର୍ ୧ ହଜାର୍ ୩ ଶହ ୧୫ ମିଟର୍ ଲମ୍ବା ଆଏ । ଚେନାବ ରେଲ୍‌ସେତୁ ଫ୍ରାନ୍ସର ଆଇଫିଲ୍ ଟାଓ୍ୱାର୍ ଠାନୁ ଭିଲ୍ ୩୫ ମିଟର୍ ଉଚା । ଇଟା ଜମ୍ମୁ କାଶ୍ମୀର୍ ରିଆସି ଜିଲ୍ଲାନୁ କାଉରି ଆଉ ବକ୍‌କାଲ୍ ଇଲାକାକେ ଜୁଡ଼୍‌ବା । ସେନ୍ତା ୭ ଶହ ୨୫ ମିଟର୍ ଲମ୍ବା ଅଞ୍ଜି ଝୁଲା ସେତୁ ଜମ୍ମୁ କାଶ୍ମୀର୍‌ର କଟ୍‌ରା ଆର୍ ରିଆସି ଜିଲ୍ଲାକେ ଜୁଡ଼୍‌ବା । ଉଧମ୍‌ପୁର୍- ଶ୍ରୀନଗର୍-ବାରାମୁଲା ରେଲ୍ ପ୍ରକଳ୍ପ ଜମ୍ମୁ କାଶ୍ମୀର୍‌କେ ଭାରତ୍‌ର ବାକି ଇଲାକା ସାଙ୍ଗେ ଜୁଡ଼୍‌ବା ।

ରାଜ୍ୟସ୍ତରୀୟ ନିଯୁକ୍ତି ମେଳା        I&PR

ଭୁବ୍‌ନେଶ୍ୱର୍ ରେଲ୍ ଅଡ଼ିଟୋରିୟମ୍ ଠାନେ ଆଏଜ୍ ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ସମାରୋହ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୭ ଟା ବିଭାଗ୍‌ର ୧ ହଜାର୍ ୨ ଶହ ୪୮ ଝନ୍ ପ୍ରାର୍ଥୀମାନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ଇଥି ସବୁନୁ ଜହ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ୮ ଶହ ୨୬ ଝନ୍‌କୁ ନିଯୁକ୍ତି ପତ୍ର ବଂଟାଯିବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଜ୍ୟ କେବିନେଟ୍‌ର ବୈଠକ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ରାଜ୍ୟ କେବିନେଟ୍‌ର ବୈଠକ୍ ବସ୍‌ବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଦିନର୍ ୧୦ ବଜେ ହେବାର୍‌କେ ଥିବା ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଳିପାରେ ବଲି ଜନାପଡ଼ିଛେ ।

ରାସନ୍‌କାର୍ଡ୍ ଇ-କେୱାଇସି ଅପ୍‌ଡେଟ୍    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାସନ୍‌କାର୍ଡ଼ ଲାଗି ଇ-କେଓ୍ୱାଇସି ଅପ୍‌ଡେଟ୍ ଧାରିଜ୍ ସମିଆ ଇ ମାସ ଶେଷ୍ ହେବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ଏବ୍‌ତକ୍ ୯୫ ପ୍ରତିଶତ୍ ହିତାଧିକାରୀଙ୍କର୍ ଇ-କେଓ୍ୱାସି ଅପ୍‌ଡେଟ୍ ସରିଛେ । ଅପ୍‌ଡେଟ୍ ସମିଆ ସର୍‌ଲା ଉତ୍‌ରୁ ଇ-କେଓ୍ୱାଇସି ନାଇଁ କରିଥିବା ୨୦ ଲାଖ୍ ହିତାଧିକାରୀ ଯୋଜ୍‌ନାନୁ ବାଦ୍ ପଡ଼ିପାରନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଯୋଗାଣମନ୍ତ୍ରୀ- ଧାନ୍ ଘିନା ସମୀକ୍ଷା      I&PR

ମୌସୁମୀ ବର୍ଷାକେ ନଜର୍‌ଥି ରଖିକରି ଧାନ୍ ଘିନା ପ୍ରକ୍ରିୟା ତୁର୍‌ତି କର୍‌ବାର୍ ଲାଗି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ ଡାଲୁଆ ଧାନ୍ ଘିନା ପ୍ରକ୍ରିୟାର୍ ସମୀକ୍ଷା କରିକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ରାଏଜେ ଏବ୍‌ତକ ୮୮ ହଜାର୍ ଚାଷୀଙ୍କର୍ ଠାନୁ ୬ ଲାଖ୍ ମେଟ୍ରିକ୍ ଧାନ୍ ଘିନା ସରିଛେ । ଏମ୍‌ଏସ୍‌ପି ଆଉ ଇନ୍‌ପୁଟ୍ ସାହାଜ୍ ବାବ୍‌ଦେ ଚାଷୀମାନ୍‌କୁ ୧ ହଜାର୍ ୫ ଶହ ୬୬ କୋଟି ଟଙ୍କା ଦିଆଯାଇଛେ । ଧାନ୍ ଘିନା ସମିଆଥି କେନ୍‌ସି ଭିଲ୍ ଅନିୟମିତତା ଅଭିଯୋଗ୍ ଆସ୍‌ଲେ ତାର୍ ତୁର୍‌ତି ସମାଧାନ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପାତ୍ର - ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସ୍କୁଲ୍- କରୋନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କରୋନା ସଂକ୍ରମଣ୍ ବଢୁଥିବାର୍ ବେଲ୍‌କେ ବିଦ୍ୟାଳୟ ଖୁଲ୍‌ବାର୍ ଆଘୋନୁ ଛାତ୍ରଛାତ୍ରୀଙ୍କର୍ ସୁରକ୍ଷାର୍ ଲାଗି ଗଣଶିକ୍ଷା ବିଭାଗ୍ ତର୍‌ଫୁ ବହୁତ୍‌ଟେ ଜରୁରୀ ପଦକ୍ଷେପ୍ ନିଆଯାଉଛେ ବଲି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ସ୍ୱାସ୍ଥ୍ୟ ବିଭାଗ୍‌ର ମାର୍ଗଦର୍ଶିକା ପାଲନ୍ କରାଯାଇକରି ବିଦ୍ୟାଳୟ ମାନ୍‌କେ ପାଠ୍‌ପଢ଼ା ମୁଲ୍ କରାଯିବା । ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଲାଗି କରୋନାକେ ନେଇକରି ମାର୍ଗଦର୍ଶିକା ଜାରି କରାଯିବା । ଇତାକେ ନେଇକରି ବିଭାଗ୍ ତର୍‌ଫୁ ଗୁଟେ ବୈଠକ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଡି.ଏନ୍.ଏନ୍. ଲେବୋରେଟୋରୀ ଉଦ୍‌ଘାଟନ I&PR

କୃତ୍ରିମ ବୁଦ୍ଧିମତା ଆଉ ଆଏବା ପିଢ଼ିକେ ପ୍ରତିରକ୍ଷା ପ୍ରଯୁକ୍ତି ବିଦ୍ୟାଥି ଜାତୀୟ କ୍ଷମତା ବଢ଼ାବାର୍ ଲକ୍ଷ୍ୟଥି ଆଏଜ୍ ରାଏଜେ ପହେଲା ଅତ୍ୟାଧୁନିକ୍ ଡିପ୍ ନ୍ୟୁରାଲ୍ ନେଟ୍‌ୱର୍କ - ଡି.ଏନ୍.ଏନ୍. ଲେବୋରେଟୋରୀ ଉଦ୍‌ଘାଟନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ କ୍ରିଷ୍ଟେଲାର୍ ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍ କାର୍ଯ୍ୟାଳୟ ଠାନେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଇତାକେ ଉଦ୍‌ଘାଟନ୍ କରିକରି

ଇଟା କ୍ଷେପଣାସ୍ତ୍ର ପ୍ରତିରକ୍ଷା, ଡ୍ରୋନ୍ ପ୍ରତିରକ୍ଷା, ରାଡାର୍ ସିଗ୍ନାଲ୍ ଆଉ ସାଇବର୍ ପ୍ରତିରକ୍ଷାଥି ଏ.ଆଇ.ପରିଚାଲିତ୍ ନୂଆଁ ସୃଜନ୍ ଲାଗି ରଣନୈତିକ୍ ପ୍ଲାଟ୍ଫର୍ମ ଯୁଗେଇ ଦେବା ବଲି କହିଛନ୍ ।

ଜିଲ୍ଲାସ୍ତରୀୟ ଜନଅଭିଯୋଗ୍ ଶୁଣାଣି I&PR

ଆଏବା ୯ ତାରିଖ୍ ରାଏଜେ ହେବାର୍କେ ଥିବା ଜିଲ୍ଲାସ୍ତରୀୟ ଜନଅଭିଯୋଗ୍ ଶୁଣାଣି ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଥି ଲୁକେ ପଞ୍ଜିକରଣ୍ କରିପାର୍ବେ ।

ରାଜେନ୍ଦ୍ରାଭିଷେକ ନୀତି ଆର୍ଏନ୍ୟୁ/ ସମ୍ବଲପୁର

ଜେଠ୍ ମାସର୍ ଉଜଲ୍ ପଖ୍ ଦଶ୍ମୀ ତିଥିଥି ଗଲାକାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ରାଜେନ୍ଦ୍ରାଭିଷେକ ନୀତି ହେଇଯାଇଛେ । ଆଏଜ୍ ଏକାଦଶୀ ତିଥିଥି ଶ୍ରୀମନ୍ଦିର୍ ନ ରକ୍ମିଣୀ ହରଣନୀତି ପାଲନ୍ କରାଯିବା । ମାହାପୁରୁ ଆର୍ ରକ୍ମିଣୀ ବିବାହ ଲାଗି ଆଏଜ୍ ମଏଧାନ୍ର୍ ୧ ନୁ ସଞ୍ଝର ୬ ବଜେତକ୍ ସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ।

ଓଏଭି-ନାଁଲେଖା ଆବେଦନ୍ ପ୍ରକ୍ରିୟା I&PR

ଓଡ଼ିଶା ଆଦର୍ଶ ବିଦ୍ୟାଳୟର୍ ୧୧ ଶ୍ରେଣୀ ବିଜ୍ଞାନ୍ ଆଉ ବାଣିଜ୍ୟ ବିଭାଗ୍ଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ଆଏଜ୍ଠାନୁ ମୁଲ୍ ହେଉଛେ । ପ୍ରକ୍ରିୟା ଆଏବା ୧୮ ତାରିଖ୍ତକ୍ ଚାଲ୍ବା । ଯାଂଚ୍ ଉତ୍ରୁ ୨୧ ତାରିଖ୍ ଚୟନ ତାଲିକା ବାହାର୍ବା । ଇ ବାବ୍ଦେ ଅଏତ୍କା ସୂଚ୍ନା ଲାଗି ଛାତ୍ରଛାତ୍ରୀ www.oav.edu.in ଥି ଲଗ୍ଇନ୍ କରିପାର୍ବେ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଜାତୀୟ ରାଜପଥର ସମ୍ପ୍ରସାରଣ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ୩ ଶହ ୫୩ ନମ୍ବର୍ ଜାତୀୟ ରାଜପଥର ସମ୍ପ୍ରସାରଣ୍ ଆଉ ଖଡ଼ିଆଲ୍ ବାଇପାସ୍ ତିଆର୍ ଲାଗି କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ବ୍ୟୟବରାଦ୍ ହେଇଛେ । ଜାତୀୟ ରାଜପଥ ମନ୍ତ୍ରଣାଳୟ ବିଜ୍ଞପ୍ତି ଅନ୍ସାରେ ୩ ଶହ ୫୩ ନମ୍ବର୍ ଜାତୀୟ ରାଜପଥ ନ ଖଡ଼ିଆଲ୍ ଠାନେ ୫୫ କିଲୋମିଟର୍ ରାସ୍ତାର୍ ସମ୍ପ୍ରସାରଣ୍ କାମ୍ ଲାଗି ୨ ଶହ ୭୦ କୋଟି ଟଙ୍କା ବରାଦ୍ ହେଇଥିବାର୍ ବେଲ୍କେ ଖଡ଼ିଆଲ୍ନୁ ଟିଟିଲାଗଡ଼୍ ଯାଇଥିବା ୫୯ ନମ୍ବର୍ ଜାତୀୟ ରାଜପଥର ୫୦ କିଲୋମିଟର୍ ରାସ୍ତା ଲାଗି ୨ ଶହ ୫୫ କୋଟି ଟଙ୍କା ବ୍ୟୟବରାଦ୍ ହେଇଛେ ।